# ପିଲାଙ୍କ ଧରିତ୍ରୀ

ଶନିବାର, ୩୧ ଅଗଷ୍ଟ, ୨୦୧୯



ଗଣେଶ ପୂଜା ପାଳନ ୩

୬ କବିତା



ଆଇନା ୮



## ମତାମତ

★ ପୃଷ୍ଠା ୨ ରେ ପ୍ରକାଶ ପାଇଥିବା ଗପଟି ପଢି ଖୁବ୍ ଭଲ ଲାଗିଲା। ବାସ୍ତବରେ ଜୀବନ ଛୋଟ ହେଉ ପଛକେ କିନ୍ତୁ ସୁନ୍ଦର ହେବା ଦରକାର। ଗଳ୍ପ ସ୍ତମ୍ଭରେ ପ୍ରକାଶ ପାଉଥିବା ଏଭଳି ଶିକ୍ଷଣୀୟ ଗପ ଛୋଟ ପିଲାମାନଙ୍କୁ ସତ୍‌ଶିକ୍ଷା ଦେଉଛି।

– **ମୃଣ୍ମୟ ବେହେରା**
ଗୋବିନ୍ଦପାଲି, ମାଲକାନଗିରି

★ ଜଣା ଅଜଣା ପୃଷ୍ଠାଟି ବେଶ୍ ଉପାଦେୟ ହେଉଛି।

– **ଦେବଦତ୍ତ ସ୍ୱାଇଁ**
ଫିରିଙ୍ଗିଆ, କନ୍ଧମାଳ

★ ପିଲାଙ୍କ ଧରିତ୍ରୀର ପୃଷ୍ଠାଗୁଡିକ ଖୁବ୍ ସୁନ୍ଦର ଲାଗୁଛି। ଏଥିରେ ଆଉ ଅଧିକ ଦୁଇ ପୃଷ୍ଠା ସ୍ଥାନ ପାଇଲେ ଭଲ ହୁଅନ୍ତା।

– **ସୋନାଲିସା ସାହୁ**
ଜାରକା, ଯାଜପୁର

★ ତୁମ ତୂଳୀରୁ ପୃଷ୍ଠାଟି ପିଲାଙ୍କ କଳାକୁ ବିକଶିତ କରିବାରେ ବେଶ୍ ସହାୟକ ହେଉଛି।

– **ଜନ୍ମେଞ୍ଜୟ ମହାପାତ୍ର**
**ମଧଶାସନ, ଜଗତ୍‌ସିଂହପୁର**

# ଅବଧୂତଙ୍କ ଗୁରୁ ଖୋଜା




ଦ୍ୱାପର ଯୁଗରେ ଅବଧୂତ ନାମରେ ଜଣେ ମହାନ୍ ସାଧୁ ଥିଲେ । ସେ ଜ୍ଞାନ ଉପାର୍ଜନ ଆଶାରେ ନିଜର ଗୁରୁମାନଙ୍କୁ ଖୋଜିବା ପାଇଁ ସବୁବେଳେ ଏଣେତେଣେ ଘୂରି ବୁଲନ୍ତି। ବୁଲିବା ବେଳେ ଗଛଲତା, ପାହାଡ଼ ପର୍ବତ ଓ ପଶୁପକ୍ଷୀ ଆଦି ଭଗବାନଙ୍କ ପ୍ରତ୍ୟେକଟି ସୃଷ୍ଟିକୁ ଭଲଭାବେ ପରୀକ୍ଷାନିରୀକ୍ଷା କରି ନିଜର ଗୁରୁଙ୍କ ସନ୍ଧାନ କରନ୍ତି।

ଦିନେ ଏମିତି ନିଜ ଗୁରୁଙ୍କ ସନ୍ଧାନ କରିବା ଆଶାରେ ସେ ଘରୁ ବାହାରିବା ବେଳେ ହଠାତ୍ ଦୂରରେ ଥିବା ଏକ ଉଚ୍ଚ ପର୍ବତଟିଏ ତାଙ୍କ ନଜରକୁ ଆସିଲା । ସେ ସେଇ ପର୍ବତକୁ ଭଲ ଭାବରେ ପରୀକ୍ଷାନିରୀକ୍ଷା କରି ଚାହିଁଲେ । କିଛି ସମୟ ଧରି ପର୍ବତକୁ ନିରିଖେଇ ଚାହିଁ ରହିବା ବେଳେ ହଠାତ୍ ଝଡ଼ ତୋଫାନ ଆସିଲା ଏବଂ ତୁହାକୁ ତୁହା ବିଜୁଳି ମାରିବାକୁ ଲାଗିଲା । ପାଖରେ ଥିବା ସବୁ ମଣିଷ ଓ ଜୀବଜନ୍ତୁ ଭୟଭୀତ ହୋଇ ନିଜ ନିଜର ନିରାପଦ ଜାଗାକୁ ଚାଲିଗଲେ । ମାତ୍ର ଅବଧୂତ ଏକଲୟରେ ସେ ଦୂର ପର୍ବତକୁ ଚାହିଁ ରହିଥାଆନ୍ତି । କିଛି ସମୟ ପରେ ଝଡ଼ ତୋଫାନ ବନ୍ଦ ହୋଇଗଲା ଏବଂ ଜୀବଜନ୍ତୁ ଓ ମଣିଷମାନେ ପୁଣି ନିଜ ନିଜ କାମକୁ ବାହାରି ଗଲେ । ଏହାଦେଖି ଅବଧୂତ ନିଜର ପ୍ରଥମ ଗୁରୁଙ୍କୁ ଖୋଜି ପାଇଗଲେ । ସେ ପୃଥିବୀ ଦେବଙ୍କୁ ନିଜର ପ୍ରଥମ ଗୁରୁ ମାନି ତାଙ୍କଠାରୁ ଜୀବନରେ ସୁଖ ହେଉ ଦୁଃଖ ସବୁବେଳେ ସ୍ଥିର ଓ ଅବିଚଳିତ ରହିବାର ଶିକ୍ଷା ଲାଭ କଲେ ।

ଏହାପରେ କିଛିଦିନ ଗଲା। ଅବଧୂତ ପୁଣି ଗୁରୁ ଖୋଜିବାକୁ ବାହାରିଲେ । ଏହି ସମୟରେ ନିଜ ଆଶ୍ରମ ନିକଟରେ ଗୋଟିଏ ଉଚ୍ଚା ଗଛରେ ଏକ ମହୁଫେଣା ଥିବା ସେ ଦେଖିବାକୁ ପାଇଲେ। ହେଲେ ସେ ମହୁଫେଣାରୁ କେହି ଜଣେ ମହୁ ସଂଗ୍ରହ କରିବା ପାଇଁ ବିଚରା ମହୁମାଛିଙ୍କୁ ଅତ୍ୟାଚାର କରୁଥିବାର ଦେଖି ଅବଧୂତ ଭାରି ମନଦୁଃଖ କଲେ। ମହୁମାଛି ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ନିଜେ ନ ଖାଇ ନିଜର ଆବଶ୍ୟକତାଠାରୁ ଅଧିକ ମହୁ ସଞ୍ଚୟ କରି ରଖୁଥିବାରୁ ଶେଷରେ ମହୁମାଛିଙ୍କୁ ଏଭଳି ଦଶା ଭୋଗିବାକୁ ହେଲା ଭାବି ସେ ମହୁମାଛିଙ୍କୁ ନିଜର ଗୁରୁ ବୋଲି ମାନିଲେ । କାରଣ ଆବଶ୍ୟକତାଠାରୁ ଅଧିକ ସଞ୍ଚୟ କରି ରଖିଲେ ଏହାର ପରିଣାମ ଯେ କ'ଣ ହୁଏ, ମହୁମାଛିଠାରୁ ସେ ଏକଥା ଶିଖିବାକୁ ପାଇଲେ।

ସେମିତି ଆଉ ଦିନେ ପୋଖରୀରେ ଗାଧୋଉଥିବା ସମୟରେ ଅବଧୂତ ହଠାତ୍ ସେଠାରେ ଏକ ବଗକୁ ମାଛ ଆଡ଼କୁ ଚାହିଁ ରହିଥିବା ଦେଖିଲେ । ପୋଖରୀ କୂଳରେ ଏକ ଲୟରେ ମାଛ ଆଡ଼କୁ ଚାହିଁ ବଗଟି ଖପ୍ କରି ମାଛକୁ ଧରିନେବାକୁ ସୁଯୋଗ ଖୋଜୁଥିବା ତାଙ୍କ ନଜରକୁ ଆସିଲା। ମାତ୍ର ସେହି ସମୟରେ ବଗଟିକୁ ଜାଲରେ ଫସାଇବାକୁ ଲାଗିପଡିଥିବା ଶିକାରୀ ଆଡେ ବଗଟିର ଆଦୌ ନଜର ନ ପଡିବା ଅବଧୂତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସେଥିପାଇଁ ଅବଧୂତ ବଗକୁ ନିଜର ଗୁରୁଭାବେ ଗ୍ରହଣ କରି ତା'ଠାରୁ ଲକ୍ଷ୍ୟପ୍ରାପ୍ତି ନ ହେବା ଯାଏଁ ଏକଲୟରେ ସାଧନା କରିବାର ଶିକ୍ଷା ଲାଭ କଲେ ।

ଏହିଭଳି ଭାବେ ଅଦ୍ଭୁତ ଢଙ୍ଗରେ ଅବଧୂତ ନିଜର ଗୁରୁମାନଙ୍କୁ ଖୋଜିଖୋଜି ସେମାନଙ୍କଠାରୁ ଜୀବନରେ ସଫଳ ହେବା ପାଇଁ ୨୪ ପ୍ରକାର ବିଦ୍ୟା ଅର୍ଜନ କଲେ ଏବଂ ଏହିସବୁ ବିଦ୍ୟାକୁ ନିଜ ଜୀବନ କ୍ଷେତ୍ରରେ ପ୍ରୟୋଗ କରି ଗୁରୁମାନଙ୍କ ଆଶୀର୍ବାଦରୁ ବହୁ ଖୁସି ଓ ଆନନ୍ଦରେ ଜୀବନ ବିତାଇଲେ ।

– **ଶିବରାମ ମହାପାତ୍ର**
ମହିତମା, ନୟାଗଡ଼

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଖିଲିଖିଲି ହସ

ରାଜୁ– ଜାଣିଲୁ ସାଙ୍ଗ କ୍ଷୀରବାଲା ଷ୍ଟ୍ରାଇକ୍ କଲେ କ୍ଷୀର ରାସ୍ତାରେ ଢାଳନ୍ତି। ଟମାଟୋବାଲା ଷ୍ଟ୍ରାଇକ୍ କଲେ ଟମାଟୋ ରାସ୍ତାରେ ପକାଇ ଦିଅନ୍ତି। କେଜାଣି ବ୍ୟାଙ୍କ ବାଲାଙ୍କୁ କେବେ ଏ ବୁଦ୍ଧି ଆସିବ ?

ମୂଷାମାନେ ରାସ୍ତାରେ ଖଣ୍ଡା ଧରି ଦୌଡୁ ଥିବାର ଦେଖି ବାଘ କହିଲା–ଆରେ, ତମେମାନେ ଏମିତି ରାଗିକି କୁଆଡେ ଯାଉଚ ?
ମୂଷା: ଆରେ ବାଘ ଭାଇ, କ'ଣ କହିବି। ହାତୀ ପିଲାକୁ କିଏ କ'ଣ କହିଛି ସେ ଆମ ଦୋଷ ଦେଉଛି। ଆମେ ଯାଉଛୁ ତାକୁ ପାନେ ଦେବାପାଇଁ।

ଥରେ ପିଲାମାନଙ୍କୁ ଶିକ୍ଷକ ପଚାରିଲେ, ଜଣେ ମହାନ ବୈଜ୍ଞାନିକଙ୍କ ନାମ କୁହ ?
ପ୍ରଥମ ଛାତ୍ର: ସାର୍, ଆଲିଆ ଭଟ୍ଟ।
ଶିକ୍ଷକ (ରାଗିଯାଇ): ଏଇଆ ଶିଖିଛ ?
ଦ୍ୱିତୀୟ ଛାତ୍ର: ସାର୍, ମୁଁ ତାକୁ ଆର୍ଯ୍ୟଭଟ୍ଟ କହୁଥିଲି। ସେ ଆଲିଆ ଭଟ୍ଟ କହିଦେଲା। ତା ମୁଣ୍ଡ ଟିକେ ଖରାପ୍ ହୋଇଯାଇଛି।

## ବିନ୍ଦୁ ଯୋଡ଼






ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795








**ଗୁରୁ ଶିଷ୍ୟଙ୍କ ପବିତ୍ର ସମ୍ପର୍କକୁ ଦୃଢ କରିବା ଲାଗି ତଥା ଗୁରୁଙ୍କ ପ୍ରତି ଥିବା ସମ୍ମାନର ନିଦର୍ଶନ ପୂର୍ବକ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ରୂପେ ପାଳନ କରାଯାଏ। ଏହି ଦିନ ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜନ୍ମ ଦିବସ । ତେବେ ଆସନ୍ତୁ ଜାଣିବା ଏହି ଦିବସକୁ ଛାତ୍ରୀଛାତ୍ରମାନେ କିଭଳି ପାଳନ କରନ୍ତି...**

## ଗୁରୁ ଆମକୁ ଆଶୀର୍ବାଦ କରନ୍ତୁ



ଏଥର ଗୁରୁଦିବସ ଓ ଗଣେଶ ପୂଜା ଗୋଟିଏ ସପ୍ତାହରେ ପଡୁଛି। ସେଥିଲାଗି ସ୍କୁଲ୍‌ରେ ବହୁତ ମଜା ହେବ। ପିଲାମାନେ ସବୁ ମିଶି ଗଣେଶ ପୂଜା ଆୟୋଜନ କରିବୁ। ପ୍ରଭୁ ଗଣେଶଙ୍କୁ ଆରାଧନା କରିବୁ ମଧ୍ୟ। ସେ ଆମକୁ ବୁଦ୍ଧି, ବିଦ୍ୟା ଓ ଜ୍ଞାନ ପ୍ରଦାନ କରନ୍ତୁ ଏବଂ ଗୁରୁମା' ଗୁରୁଜୀ ଆମ ଜୀବନର ଚଲାପଥକୁ ଆଲୋକମୟ କରି ଆଶୀର୍ବାଦ ଢାଳିଦିଅନ୍ତୁ ଏତିକି ଆଶା କରୁଛି।

– **ତ୍ରିଦେବ ରଞ୍ଜନ ଦାସ**
କ୍ଲାସ୍-୧୦, ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ, ଉଦୟଗିରି, ଯାଜପୁର

## ବର୍ଷକୁ ଥରେ ଗୁରୁ ପୂଜାର ସୌଭାଗ୍ୟ ମିଳେ



ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ଗୁରୁଦିବସ ପାଳନ ହୁଏ। ଏହା ପ୍ରତି ଛାତ୍ରୀଛାତ୍ରଙ୍କ ପାଇଁ ସୌଭାଗ୍ୟର ଦିନ। ଅନ୍ୟଦିନେ ଗୁରୁମା' ଗୁରୁଜୀଙ୍କୁ ଭୟ ଲାଗେ। କିନ୍ତୁ ସେଦିନ ଗୁରୁମା' ଗୁରୁଜୀଙ୍କୁ ନିର୍ଭୟରେ ଦୂବ, ବରକୋଳିପତ୍ର, ଅରୁଆ ଚାଉଳରେ ବନ୍ଦାପନା କରି ମଥାରେ ତିଳକ ଲଗାଇ ଦେଉ। ଏଥର ମଧ୍ୟ ଗୁରୁପୂଜା କରିବୁ। ସେ ଦିନକୁ ମୁଁ ଅପେକ୍ଷା କରି ରହିଛି।

– **ରୁଦ୍ରନାରାୟଣ ଡାଲୁଆ**
କ୍ଲାସ୍-୮, ଆବାସିକ ଶିଶୁ ବିଦ୍ୟାମନ୍ଦିର, ଚାଟୁଣୀ, ରେଢ଼ାଖୋଲ, ସମ୍ବଲପୁର

## ଗୁରୁ ସବୁବେଳେ ସଂସ୍କାରୀ ହେବାକୁ ଉତ୍ସାହିତ କରନ୍ତି



ସେପ୍ଟେମ୍ବର ୫ ତାରିଖରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମଦିନକୁ ଗୁରୁଦିବସ ରୂପେ ପାଳନ କରାଯାଏ। ଆମ ସମାଜରେ ଗୁରୁଙ୍କ ସ୍ଥାନ ସବୁଠୁ ଊର୍ଦ୍ଧ୍ୱରେ। ଏହି ଦିନ ଗୁରୁମା' ଗୁରୁଜୀଙ୍କୁ ସୁସଜ୍ଜିତ ଆସନରେ ବସାଇ ଫୁଲ, ଧୂପ, ଦୀପ ଦେଇ ପୂଜା କରିଥାଉ। ପିଲାମାନଙ୍କୁ ସେମାନେ ସବୁବେଳେ ସଂସ୍କାରୀ ଓ ସମାଜସେବୀ ହେବାକୁ ଉତ୍ସାହିତ କରିଥାଆନ୍ତି।

– **ଆକାଂକ୍ଷା ସାହୁ**
କ୍ଲାସ୍-୭, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, କୋଣାର୍କ, ପୁରୀ

## ଗୁରୁ ଦିବସ ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର



ଏହି ଦିବସରେ ମୁଁ ସକାଳୁ ଉଠି ସ୍କୁଲଯାଏ। ତା'ପରେ ସେଠାରେ ଗୁରୁପୂଜା ଅନୁଷ୍ଠିତ ହୁଏ। ବକ୍ତୃତା ପ୍ରତିଯୋଗିତା ହୁଏ। ଗୁରୁମାନେ ଗୁରୁ ଦିବସର ମାହାତ୍ମ୍ୟ ଉପରେ କହିଥାଆନ୍ତି। ଏହି ଦିବସ ସବୁବେଳେ ମୋ' ପାଇଁ ସ୍ୱତନ୍ତ୍ର।

– **ସୌମ୍ୟାସ୍ମିତା ଦଳେଇ**
କ୍ଲାସ୍-୧୦, ପାରିକୁଦ ଉଚ୍ଚ ବିଦ୍ୟାଳୟ, ପାଇକ ପୁରୁଣାକୋଟଗୁରୁ, ଢେଙ୍କାନାଳ




**ବର୍ଷକ ପରେ ପୁଣି ଆସିଛି ଗଣେଶ ପୂଜା। ରଙ୍ଗ ବେରଙ୍ଗର ତୋରଣ, ଆଲୋକମାଳା ସହ ସମଗ୍ର ପୂଜା ମଣ୍ଡପ ପ୍ରସ୍ତୁତ ହୋଇ ରହିଛି ପ୍ରଭୁ ଗଜାନନଙ୍କ ଆବାହନ କରିବା ଲାଗି। ତେବେ ଏହି ପର୍ବକୁ ପାଳନ କରିବା ଲାଗି ପିଲାମାନେ କିଭଳି ଯୋଜନା କରିଛନ୍ତି ସେ ସମ୍ପର୍କରେ...**



## ପୂଜା ପ୍ରସ୍ତୁତି ଆରମ୍ଭ କରିଦେଇଛୁ

ପ୍ରତିବର୍ଷ ମୁଁ ମୋ ସାଙ୍ଗସାଥୀଙ୍କ ସହ ମିଶି ଗଣେଶ ପୂଜା ମହାଆଡ଼ମ୍ବର ସହକାରେ ପାଳନ କରେ। ଏ ବର୍ଷ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛୁ। ଏକ ବଡ଼ ମୂର୍ତ୍ତି ପାଇଁ ବରାଦ ଦେଇଛୁ। ମେଢ଼ ଏବଂ ସାଜସଜ୍ଜା ପାଇଁ ବରାଦ ସରିଛି। ସ୍କୁଲରେ ଭୋଜିଭାତ ଆୟୋଜନ ପାଇଁ ସ୍ଥିର ହୋଇଛି। ସ୍କୁଲରେ ୟୁନିଫର୍ମ ପିନ୍ଧିବାକୁ ପଡୁଥିବାରୁ ଅନ୍ୟ ପୋଷାକ ପିନ୍ଧିବାର ସୁଯୋଗ ମିଳି ନ ଥାଏ। କିନ୍ତୁ ପୂଜାରେ ମୁଁ ନୂଆ ଡ୍ରେସ୍ ପିନ୍ଧି ସ୍କୁଲକୁ ଆସିବି।

– **ଜୟପ୍ରକାଶ ଦାସ**
କ୍ଲାସ- ୮, ଜୟକୃଷ୍ଣ ବିଦ୍ୟାପୀଠ, ତିର୍ତ୍ତୋଲ, ଜଗତ୍‌ସିଂହପୁର



## ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବି

ସ୍କୁଲ ଜୀବନରେ ବର୍ଷରେ ଥରେ ପଡୁଥିବା ଗଣେଶ ପୂଜାକୁ ମୁଁ ଖୁବ୍ ହର୍ଷୋଲ୍ଲାସରେ ସାଙ୍ଗସାଥୀଙ୍କ ସହ ପାଳିବି। ସେଦିନ ସକାଳୁ ଉଠି ମୋ ନିତ୍ୟକର୍ମ ସାରି ନୂଆ ଡ୍ରେସ୍ ପିନ୍ଧି ମା'ବାପାଙ୍କ ଆଶୀର୍ବାଦ ନେଇ ମା'ଙ୍କ ହାତତିଆରି ପିଠା ଖାଇ ସ୍କୁଲରେ ଗଣେଶ ପୂଜା ପାଳନ କରିବାକୁ ଯିବି। ସେଠାରେ ପୁଷ୍ପାଞ୍ଜଳି ଦେଇ ସାଙ୍ଗସାଥୀଙ୍କ ସହ ସମୟ କାଟିବି। ଦିନତମାମ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବି।

– **ଅପର୍ଣ୍ଣା ପ୍ରିୟଦର୍ଶିନୀ ମହାରଣା**
କ୍ଲାସ- ୮, କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଡୁବୁରୀ, ଯାଜପୁର



## ନୂଆ ଡ୍ରେସ୍ ପିନ୍ଧିବି

ଏ ବର୍ଷ ଗଣେଶ ପୂଜାରେ ନୂଆ ଡ୍ରେସ୍ ପିନ୍ଧି ଭୋଗ ନେଇ ସ୍କୁଲକୁ ଯିବି। ମୋର ଏବର୍ଷ ୧୦ମ ଶ୍ରେଣୀ ହୋଇଥିବାରୁ ପ୍ରଭୁଙ୍କୁ ପ୍ରାର୍ଥନା କରିବି, ଯେପରି ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିବି। ବିଦ୍ୟାଳୟରୁ ଫେରିବା ପରେ ଆମ ସାହିର ପୂଜା ଯାହା ଆମ ଘର ନିକଟରେ ହୁଏ ଦେଖିବାକୁ ଯିବି। ମୋର କିଛି ସାଙ୍ଗସାଥୀଙ୍କୁ ଡାକିଛି ପୂଜା ଦେଖିବା ପାଇଁ। ସେମାନେ ଆସିଲେ ଆମେ ଖୁବ୍ ମଜା ମସ୍ତି କରିବୁ।

– **ସୂର୍ଯ୍ୟଜିତ୍ ମିଶ୍ର**
କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡ଼ଗାଁ, ନୟାଗଡ଼



## ଅପେକ୍ଷା କରିଛି ପୂଜାକୁ

ମୁଁ ସାଙ୍ଗସାଥୀଙ୍କ ସହ ମିଶି ଏଥର ଗଣେଶ ପୂଜା ପାଳିବି। ଅପେକ୍ଷା କରିଛି କେବେ ଗଣେଶ ପୂଜା ଆସିବ। ଏହିଦିନ ସ୍କୁଲରେ ଢେର ମସ୍ତି କରିବୁ। ଆମ ପଡାରେ ମଧ୍ୟ ଗଣେଶ ପୂଜା ହେବ। ମୁଁ ସେଠାକୁ ଯିବି। ଠାକୁରଙ୍କ ପାଖରେ ସମସ୍ତଙ୍କ ପାଇଁ ଶୁଭ ମନାସିବି।

– **ସିପ୍ରା ବିଶି**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେଶବ ନଗର, ବରଗଡ଼


# ତୁମ ତୂଳୀରୁ








୧



୨



୩




୪




୫



୬



୭



୮



୯



୧୦



୧

ଭବାଂଶୀ ହୋତା
କ୍ଲାସ-୪,ସାରସ୍ୱତ ବାଲ୍ମନ୍ଦିର, ଜୟପୁର



**ଆଦର୍ଶ ପାଟଶାଣୀ**
କ୍ଲାସ-୪,ଡି.ଏ.ଭି ପବ୍ଲିକ୍ ସ୍କୁଲ,ପୋଖରୀପୁଟ୍ ଭୁବନେଶ୍ୱର

୨



୩

ପ୍ରିୟାପ୍ରଦା ହୋତା
କ୍ଲାସ-୨,ସେଣ୍ଟ ଜାଭିୟର୍ସ ହାଇସ୍କୁଲ,ଖଣ୍ଡଗିରି, ଭୁବନେଶ୍ୱର



**ବୈଭବୀ ଭଞ୍ଜମିଶ୍ର**
କ୍ଲାସ-୬,ସେଣ୍ଟ ଜାଭିୟର୍ସ ସ୍କୁଲ,ଆମ୍ବପୁଆ, ବ୍ରହ୍ମପୁର

୪



୫

ଅନ୍‌ମୋଲ ମହାପାତ୍ର
କ୍ଲାସ-୨,ଆଟୋମିକ୍ ଏନର୍ଜି ସେଣ୍ଟ୍ରାଲ ସ୍କୁଲ,ଅଶ୍ୱପୂରମ୍ , ତେଲେଙ୍ଗାନା



**ସୁନୀତା ନାୟକ**
କ୍ଲାସ-୭,ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୱାଟରୱାର୍କ୍ସରୋଡ, ପୁରୀ

୬



୭

କୈବଲ୍ୟ ମିଶ୍ର
କ୍ଲାସ-୫,ସେଣ୍ଟ ଯୋସେଫ୍ ହାଇସ୍କୁଲ, ଭୁବନେଶ୍ୱର



**ପ୍ରିୟଙ୍କା ନାୟକ**
କ୍ଲାସ-୪,କେନ୍ଦ୍ରୀୟ ବିଦ୍ୟାଳୟ-୬, ଭୁବନେଶ୍ୱର

୮





୯

ସତ୍ୟମ ଷଡଙ୍ଗୀ
କ୍ଲାସ-୬,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଙ୍ଗୀ,କଟକ



**ସାଇ ସୋହମ୍ ପ୍ରଧାନ**
କ୍ଲାସ-୬,ଓଡିଶା ଆଦର୍ଶ ବିଦ୍ୟାଳୟ,ସତ୍ୟବାଦୀ , ପୁରୀ

୧୦




୧୧

ଶିବାନୀ ପଟ୍ଟନାୟକ
କ୍ଲାସ-୫,ଡି.ଏ.ଭି ପବ୍ଲିକ୍ ସ୍କୁଲ,ପୁରୀ




**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ-୫, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି

୧୨



୧୧



୧୨

କ
ବି
ତା


## ଆସ ଗଣପତି



ଦିଅ ବିଦ୍ୟା, ଦିଅ ଦିବ୍ୟଜ୍ଞାନ
ପ୍ରଭୁ ଗଜାନନ
ପଦତଳେ ଢାଳୁଛୁ ପ୍ରଣତି
ଗିରିଜା ନନ୍ଦନ।
ଦେବଗଣେ, ଆଗ ପାଅ ପୂଜା
ସଂକଟ ତାରଣ
ବିନ୍ଦୁ ଏ କି, ଜ୍ଞାନ ପାରାବାରୁ
କରିବ ପ୍ରଦାନ।
ବରଷକେ, ଆସ ଥରୁଟିଏ
ବିଦ୍ୟା ନିକେତନ
ମଜ୍ଜିଯାଉ ପୂଜାରେ ତୁମର
ହୋଇ ଆତ୍ମମଗ୍ନ।
ସାଜସଜ୍ଜା, ସବୁଜ ତୋରଣେ
ଦିଶେ ଶୋଭାବନ
ତୁମ ପୂଜା, ଅରଚନା ପାଇଁ
ଉଚ୍ଛକିତ ମନ।
ଗଣପତି, ବିଦ୍ୟା ଅଧିପତି
ଦେଇଛ ଅଭୟ
ଆସୁରିକ, ଶକତି ଉପରେ
ଜ୍ଞାନର ବିଜୟ।
ଆଲୋକିତ, କରିଦିଅ ପଥ
ଆଶିଷେ ତୁମର
ସମର୍ପିତ, କରୁ ମନପ୍ରାଣ
ସେବାରେ ଦେଶର।
ଭାଦ୍ରମାସ, ଶୁକ୍ଳ ଚତୁର୍ଥୀ
ପବିତ୍ର ଦିବସ
ବିଭୋରିତ, ହୋଇଣ ପିଲାଏ
ପୂଜନ୍ତି ଗଣେଶ।


**– ଅଧ୍ୟାପକ ବିଷ୍ଣୁମୋହନ**
ଏ/୫୮, କ୍ରିଷ୍ଣାଗାର୍ଡେନ-୨
ଖଣ୍ଡଗିରି, ଭୁବନେଶ୍ୱର

## ବକ୍ର ତୁଣ୍ଡ ମହାକାୟ



ବକ୍ର ତୁଣ୍ଡ ଗଜ ମୁଣ୍ଡ
ଗଣନାଥ ମୃତ୍ୟୁଞ୍ଜୟ
ବୃହତ୍ତମ ମନୋରମ
ଉଦରଟି ଶୋଭାମୟ।
ଶ୍ରୀ ଚରଣେ ଆଜ ଦିନେ
ମୂଷିକଟି ଶୋଭା ଦିଶେ
ଧନ୍ୟ ଧନ୍ୟ ତା' ଜୀବନ
ରହି ଗଜାନନ ପାଶେ।
ଘଟ ପୂଜା ସାଜ ସଜ୍ଜା
ଶୁଭ ତିଥି ଜୟନ୍ତୀରେ
ନାନା ବାଦ୍ୟ ଶଂଖ ନାଦ
ମର୍ତ୍ତ୍ୟପୁରେ ଘରେ ଘରେ।
ଢଳି ଢଳି ପାଦ ଚାଳି
ଘେନ ପ୍ରଭୁ ପୁଷ୍ପାଞ୍ଜଳି
ଭଳି ଭଳି ଭୋଗ ଥାଳି
ନିଜ ଥରେ ବାହୁ ମେଲି।
ଝୁଣା ଧୂପ ଘିଅ ଦୀପ
ଅରପିଲୁ ମଥା ପାତି
ଦୟା ବହି କ୍ଷଣେ ଚାହିଁ
ଦିଅ ଜ୍ଞାନ, ବୁଦ୍ଧି, ଶକ୍ତି।

**– ବସନ୍ତ କୁମାର ଦାସ,** ରମ୍ଭା, ବରି,
ଯାଜପୁର, ମୋ: ୯୪୩୭୫୯୭୮୯୬



## ନୂଆଁଖାଇ

ଆଇଛେ ଆମର ନୂଆଁଖାଇ ମନ ହେସି ହେସି ଛନ ଛନ
ନୂଆ ଧାନ ସାଙ୍ଗେ ନୂଆ କରମା ଜୁନହାଁ ଯେତିକିମନ
କକା ଦଦା ସାଙ୍ଗ ସାଥି ଯେତେ ଅଛନ ସଭେଁ ଏକାନେ ହେମା
ବରଷ ଯାକର ରାଗ ରୁଷା ଯେତେ ମନୁ ପାଶରି ଦେମା।
ଇଷ୍ଟ ଦେବୀ ଆମର ସମଲେଇ ମା' ନେ କରୁଛେଁ ଅଲି
ଭାଇଚାରାକେ ଆମର କେହିନି ଯିବ ଭୁଲି।
ମିଲିମିଶି ସଭେଁ ଆସ ପାଲ୍‌ମା ନୂଆ ଖାଇ
ଜଗତ ଯାକର ମଙ୍ଗଲ କର୍‌ବା ମା ସମଲେଇ।
ବରଷ ଯାକର ନୂଆଖାଇ ଆମର ବଢ଼େ ତିହାର
ଉଷତମନେ କରୁଛେ ସମକୁ ନୁଆଁଖାଇ ଜୁହାର।

**–ସଞ୍ଜୀୟ କୁମାର ଶତପଥୀ,** ପୁରୁଣାକଟକ, ବୌଦ୍ଧ
ମୋ:୭୯୭୮୦୯୩୦୬






## ରଖିବା ତାଙ୍କର ଯଶ

ଅଜ୍ଞାନ ରୂପକ ଅନ୍ଧାର ହଟାଇ
ଜ୍ଞାନର ଆଲୋକ ଜାଳି
ସଂସାରକୁ ଯିଏ ସୁପଥ ଦେଖାନ୍ତି
ସିଏ ତ ଗୁରୁ ସବୁରି।
ନୁହନ୍ତି ସେ ନର ସାକ୍ଷାତ୍ ଈଶ୍ୱର
କେହି ନାହିଁ ତାଙ୍କ ସମ
ମଣିଷ ପରି ତ ମଣିଷ ହେବାକୁ
ଶିଖାନ୍ତି ସେ ରାତିଦିନ।
ମଣିଷ ତିଆରି କାରଖାନାଟିର
ସିଏ ଦକ୍ଷ କାରିଗର
ତାଙ୍କ କୃପାହେଲେ ଛାତ୍ରୀଛାତ୍ରଙ୍କର
ହେବ ପରା ଉପକାର।
ଶୁଣିଲେ ଆରୁଣୀ ଉପମନ୍ୟୁ ଆଉ
ଏକଲବ୍ୟଙ୍କର କଥା
ତାଙ୍କ ଗୁରୁଙ୍କର ପାଦତଳେ ପରା
ନଇଁଯାଏ ଆମ ମଥା।
ଅବାଟରୁ ସିଏ ବାଟକୁ ଆଣନ୍ତି
ଦେଇ ଭଲ ଉପଦେଶ
ଗୁରୁ ଦିବସରେ ତାଙ୍କ ପାଦ ପୂଜି
ରଖିବା ତାଙ୍କର ଯଶ।

**–ଶିବପ୍ରସାଦ ସାହୁ**
ଗୋପୀନାଥପୁର ସାହି
ଚାନ୍ଦପୁର, ନୟାଗଡ଼
ମୋ: ୯୬୯୨୩୭୪୬୫୯

## ଆରଥରର ଉତ୍ତର

* ଚନ୍ଦ୍ରାୟନ-୨
* ବୁଧ
* ଶୁକ୍ରଗ୍ରହ
* ବୃହସ୍ପତି
* ଶୁକ୍ରଗ୍ରହ

## ଏଥରର ପ୍ରଶ୍ନ

★ ଗୁରୁ ଦିବସ କେବେ ପାଳନ କରାଯାଏ?

★ କାହାର ଜନ୍ମ ଦିବସକୁ ଗୁରୁ ଦିବସ ରୂପେ ପାଳନ କରାଯାଏ।

★ ଏକଲବ୍ୟଙ୍କ ଗୁରୁଙ୍କ ନାମ କ'ଣ ଥିଲା?

★ ପୁରାଣ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ଗୁରୁ କିଏ ଥିଲେ?

★ ଭାରତରେ ସର୍ବପ୍ରଥମେ କେବେ ଗୁରୁଦିବସ ପାଳନ କରାଯାଇଥିଲା?



**ପାଖେଇ ଆସିଲାଣି ଗଣେଶ ଚତୁର୍ଥୀ। ବିଘ୍ନରାଜ ଗଣେଶଙ୍କୁ ପୂଜା ଆରାଧନା କରିବା ଲାଗି ପୂଜାମଣ୍ଡପ ମଧ୍ୟ ପ୍ରସ୍ତୁତ ହୋଇ ସାରିଲାଣି। ପ୍ରତିବର୍ଷ ଗଣେଶ ପୂଜାକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପୂଜା କମିଟି ତରଫରୁ ଭିନ୍ନ ତଥା ନିଆରା ଥିମ୍‌କୁ ନେଇ ଗଣେଶଙ୍କ ମୂର୍ତ୍ତି ତଥା ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଥାଏ। ତେବେ ବିଗତ କିଛି ବର୍ଷ ହେବ ଗଣେଶ ପୂଜା ଅବସରରେ ବିଭିନ୍ନ ପୂଜା କମିଟି ତରଫରୁ ସୁଦୀର୍ଘ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଉଛି ଯାହା ସୃଷ୍ଟି କରୁଛି ରେକର୍ଡ । ଜାଣନ୍ତୁ ସେ ଭଳି କିଛି ସ୍ଥାନର ଗଣେଶ ମୂର୍ତ୍ତି ସମ୍ପର୍କରେ...**



# ଉଚ୍ଚତମ ଗଣେଶ ମୂର୍ତ୍ତି

**ଖୈରତାବାଦ ଗଣେଶ:** ଗଣେଶ ଚତୁର୍ଥୀ ଅବସରରେ ପ୍ରତିବର୍ଷ ହାଇଦ୍ରାବାଦର ଖୈରତାବାଦ ଠାରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥାଏ। ସୁଉଚ୍ଚ ଗଣେଶ ପ୍ରତିମା ପୂଜାର୍ଚ୍ଚନା ଲାଗି ଏହି ସ୍ଥାନ ସାରା ବିଶ୍ୱରେ ପ୍ରସିଦ୍ଧ। ତେବେ ଗତବର୍ଷ ଏଠାରେ ପୂଜା ପାଇଥିଲେ ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ଯାହାର ଉଚ୍ଚତା ଥିଲା ୫୭ ଫୁଟ ଏବଂ ତାଙ୍କ ହାତରେ ଶୋଭା ପାଇଥିଲା ୫୬୦୦ କିଲୋଗ୍ରାମର ବିଶାଳ ଲଡୁ। ଏହି ମୂର୍ତ୍ତି ନିର୍ମାଣ କରିବା ଲାଗି ୧୫୦ ଜଣ କାରିଗର ନିୟୋଜିତ ହୋଇଥିବା ବେଳେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୨୦୧୪ ମସିହାରେ ଏଠାରେ ନିର୍ମିତ ହୋଇଥିବା ଗଣେଶ ମୂର୍ତ୍ତିର ଉଚ୍ଚତା ୬୦ ଫୁଟ ଥିଲା।

**ବିଜୟୱାଡା ଗଣେଶ:** ବିଜୟୱାଡାଠାରେ ଡୁଣ୍ଡି ଗଣେଶ ସେବା ସମିତି ଦ୍ୱାରା ୨୦୧୭ରେ ପ୍ରଥମ ଥର ଲାଗି ସୁଉଚ୍ଚ ଗଣେଶ ପ୍ରତିମା ନିର୍ମାଣ କରାଯାଇଥିଲା। ଯାହାର ଉଚ୍ଚତା ଥିଲା ୭୨ ଫୁଟ। ଏହି ଇକୋ ଫ୍ରେଣ୍ଡଲି ସପ୍ତ ମୃଣ୍ମିକ ବାହନ ମୂର୍ତ୍ତି ନିର୍ମାଣ କରିବା ଲାଗି ୪୦ଟନ ଲୁହା ଏବଂ ୬୦ଟନ ମାଟି ବ୍ୟବହାର କରାଯାଇଥିଲା। କେବଳ ସେତିକି ନୁହେଁ ଏହି ମୂର୍ତ୍ତି ହାତରେ ଏକ ବିଶାଳ ଲଡୁ ମଧ୍ୟ ଧରିଥିଲେ।

**ନାରେଲ ଟା ରାଜା:** ମୁମ୍ବାଇ ବା ମହାରାଷ୍ଟ୍ର ଗଣେଶ ପୂଜା ଲାଗି ସାରା ବିଶ୍ୱରେ ବଖ୍ୟାତ । ୨୦୧୭ରେ ଏଠାରେ ନିର୍ମିତ ହୋଇଥିବା ୩୧ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତିଟି ଗଜାନନଙ୍କ ଏକ ଦଣ୍ଡାୟମାନ ଭଙ୍ଗୀ। ଏହି ମୂର୍ତ୍ତିର ଏକ ବିଶେଷତ୍ୱ ମଧ୍ୟ ଥିଲା ଯାହାକି ରିମୋଟ କଣ୍ଟ୍ରୋଲ ଦ୍ୱାରା ଉପରତଳ ହୋଇପାରୁଥିଲା।

**ମୁମ୍ବାଇଚା ରାଜା:** ମୁମ୍ବାଇର ଗଣେଶ ଗଲିଠାରେ ଥିବା ମୁମ୍ବାଇଚା ରାଜା ପେଣ୍ଡାଲ ଗଣେଶ ପୂଜା ଲାଗି ବେଶ୍ ପ୍ରସିଦ୍ଧ। ୨୦୧୭ରେ ଏହି ପୂଜା ମଣ୍ଡପ ଏହାର ୯୦ ବର୍ଷ ପୂର୍ତ୍ତି ଅବସରରେ ଭଗବାନ ଗଣେଶଙ୍କ ଶେଷନାଗ ଅବତାରର ଏକ ସୁଉଚ୍ଚ ମୂର୍ତ୍ତି ନିର୍ମାଣ କରିଥିଲେ। ଏହି ଅବସରରେ ନିର୍ମିତ ହୋଇଥିବା ପେଣ୍ଡାଲଟି ତାମିଲନାଡୁର ଭେଲୋରଠାରେ ଥିବା ଶ୍ରୀପୁରମ୍ ମନ୍ଦିର ଥିମରେ ନିର୍ମାଣ କରାଯାଇଥିଲା।

**ଗଜୁୱାକା ଗଣେଶ:** ବିଶାଖାପାଟ୍ଟନମ୍‌ର ଗଜୁୱାକାଠାରେ ୩୮ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଇକୋଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଥିଲା ଯାହା ଅନେକ ଦେଖଣାହାରିଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।









# ଥା ଇ ନା



ଅତିକ୍ଷ
୫ ବର୍ଷ



ସିପୁନ୍
୭ ବର୍ଷ



ଅଦ୍ୱିତା
୫ ବର୍ଷ